# NATIONAL NEWS BULLETIN (ODIA)
## 31st January - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- ସଂସଦର ମିଳିତ ଅଧିବେଶନରେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ପ୍ରଶଂସା କଲେ କେନ୍ଦ୍ରମନ୍ତ୍ରୀ ।
- ଦିଲ୍ଲୀର ଦ୍ରୁତ ବିକାଶ ପାଇଁ ସେଠାରେ ଡବଲ୍ ଇଞ୍ଜିନ୍ ସରକାରର ଆବଶ୍ୟକତା ଥିବା କହିଲେ ପ୍ରଧାନମନ୍ତ୍ରୀ ।
- ୨୦୨୫ ଆର୍ଥିକ ବର୍ଷରେ ଦେଶର ମୋଟ୍ ଜି.ଡି.ପି. ୬ ଦଶମିକ ୪ ପ୍ରତିଶତକୁ ବୃଦ୍ଧିପାଇବା ନେଇ ଅର୍ଥନୈତିକ ସର୍ଭେର ଆକଳନ ।

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତା ରବିବାର ହେବ ଆଇ.ସି.ସି. ମହିଳା ୧୯ ବର୍ଷରୁ କମ୍ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍ ।

## ପାର୍ଲାମେଣ୍ଟ - ସ୍ପିଚ୍ ରିଆକ୍ସନ୍

କେନ୍ଦ୍ରମନ୍ତ୍ରୀ ଚିରାଗ୍ ପାଶ୍ୱାନ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନରେ ଦେଇଥିବା ଅଭିଭାଷଣକୁ ପ୍ରଶଂସା କରିଛନ୍ତି । ସଂସଦ ଭବନ ବାହାରେ ଗଣମାଧ୍ୟମକୁ ଶ୍ରୀ ପାଶ୍ୱାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ଦେଶ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛି । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବାପାଇଁ ଗତ ୧୦ ବର୍ଷ ମଧ୍ୟରେ ପ୍ରୟାସ କରାଯାଇଛି । ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଗରିବ ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିବା ଶ୍ରୀ ପାଶ୍ୱାନ କହିଛନ୍ତି । ଆସନ୍ତା ବର୍ଷରେ ଦେଶ କେଉଁ ନୀତି ଆଧାରରେ ଆଗକୁ ବଢ଼ିବ, ସେ ସମ୍ପର୍କରେ ରାଷ୍ଟ୍ରପତି ଉଲ୍ଲେଖ କରିଥିବା ଶ୍ରୀ ପାଶ୍ୱାନ କହିଛନ୍ତି ।

ଅନ୍ୟତମ କେନ୍ଦ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ରାଷ୍ଟ୍ରପତି ଅଭିଭାଷଣକୁ ଦୂରଦୃଷ୍ଟି ସମ୍ପନ୍ନ ଓ ବିକାଶମୂଳକ ବୋଲି କହିଛନ୍ତି । ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଯୁବକ, ଉଚ୍ଚଶିକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ରପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରିଥିବା ଯୋଜନାଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରିଥିବା ଶ୍ରୀ ଚୌଧୁରୀ କହିଛନ୍ତି ।

ଶିବସେନା - ୟୁ.ବି.ଟି. ଗୋଷ୍ଠୀର ସାଂସଦ ଅନିଲ୍ ଦେଶାଇ ରାଷ୍ଟ୍ରପପତି ତାଙ୍କ ଅଭିଭାଷଣରେ ବିକଶିତ ଭାରତ ଏବଂ ଏକ ଦେଶ ଏକ ନିର୍ବାଚନ ସମ୍ପର୍କରେ ଉଲ୍ଲେଖ କରିଥିବା କହିଛନ୍ତି ।

## ପି.ଏମ୍. - ଦିଲ୍ଲୀ ର୍ୟାଲି

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦିଲ୍ଲୀର ଦ୍ରୁତ ବିକାଶ ପାଇଁ ସେଠାରେ ଡବଲ୍ ଇଞ୍ଜିନ୍ ସରକାରର ଆବଶ୍ୟକତା ରହିଛି । ନୂଆଦିଲ୍ଲୀର ଦ୍ୱାରକାରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି କହିଛନ୍ତି, ଗରିବମାନଙ୍କପାଇଁ ବାସଗୃହ ନିର୍ମାଣ, ଦିଲ୍ଲୀକୁ ଆଧୁନିକ ସହର ଭାବେ ଗଢ଼ିତୋଳିବା ଏବଂ ପ୍ରତ୍ୟେକ ବାସଗୃହକୁ ପାଇପ୍ ଜଳ ଯୋଗାଇଦେବା ଭଳି କାର୍ଯ୍ୟ କରିବାପାଇଁ ସମର୍ପିତ ଏକ ସରକାର ଦିଲ୍ଲୀବାସୀଙ୍କୁ ଦରକାର । ଦିଲ୍ଲୀର ଆପ୍ ନେତୃତ୍ୱାଧୀନ ସରକାର ଦୁର୍ନୀତିରେ ଲିପ୍ତ ଥିବା ଓ ଅନ୍ୟ ରାଜ୍ୟରେ ନିର୍ବାଚନ ଲଢ଼ିବାପାଇଁ ଜନସାଧାରଣଙ୍କୁ ଲୁଟ୍ କରୁଥିବା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି । ବି.ଜେ.ପି. କ୍ଷମତାକୁ ଆସିଲେ କେବଳ ରାଜଧାନୀବାସୀଙ୍କ ପାଇଁ ନୁହେଁ; ଦିଲ୍ଲୀ ଗ୍ରାମାଞ୍ଚଳ ଲୋକମାନଙ୍କ ପାଇଁ ମଧ୍ୟ ଏକ ଆଦର୍ଶ ସହର ହେବ । ବି.ଜେ.ପି. କ୍ଷମତାକୁ ଆସିଲେ ବିଧାନସଭାର ପ୍ରଥମ ଅଧିବେଶନରେ ବର୍ତ୍ତମାନର ଦିଲ୍ଲୀ ସରକାରଙ୍କ ଦୁର୍ନୀତିର ସି.ଏ.ଜି. ରିପୋର୍ଟ ଉପସ୍ଥାପନ

କରାଯିବ । ବି.ଜେ.ପି. ପକ୍ଷରୁ ମତଦାତାମାନଙ୍କୁ ଦିଆଯାଉଥିବା ସମସ୍ତ ପ୍ରତିଶ୍ରୁତି ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରଣ କରାଯିବ । ଗତ ୧୧ ବର୍ଷର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ ବୋଲି ଶ୍ରୀ ମୋଦି ଆଶ୍ୱାସନା ଦେଇଛନ୍ତି ।

ଏହି ଅବସରରେ ଶ୍ରୀ ମୋଦି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି ଦେଇଥିବା ମତାମତ ଉପରେ ଟିପ୍ପଣୀ ଦେଇ କହିଛନ୍ତି, କଂଗ୍ରେସ ଦଳ କେବଳ ରାଷ୍ଟ୍ରପତିଙ୍କୁ ନୁହେଁ, ୧୦ କୋଟି ଆଦିବାସୀ ଭାଇଭଉଣୀଙ୍କୁ ଅପମାନିତ କରିଛି ।

## ଦିଲ୍ଲୀ ପୋଲ୍ସ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ଆଉ ମାତ୍ର ୪ ଦିନ ବାକି ଥିବାବେଳେ ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ  ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି । ଏଥିପାଇଁ ବିଭିନ୍ନ ଦଳୀୟ ନେତା, ବରିଷ୍ଠ ରାଜନୈତିକ ନେତା, ଷ୍ଟାର ପ୍ରଚାରକ ଏବଂ ପ୍ରାର୍ଥୀମାନେ ରୋଡ୍‌ଶୋ, ର୍‍ୟାଲି, ସାଧାରଣସଭା ଏବଂ ଘରକୁ ଘର ବୁଲି ଜନସାଧାରଣଙ୍କ ନିକଟରେ ଭୋଟ୍ ଭିକ୍ଷା କରୁଛନ୍ତି । ଏହି ନିର୍ବାଚନ ପୂର୍ବରୁ ସବୁ ରାଜନୈତିକ ଦଳର ନେତା, ଏବଂ ପ୍ରାର୍ଥୀମାନେ ଲୋକମାନଙ୍କୁ ନିଜ ସପକ୍ଷକୁ ନେବାକୁ ଚେଷ୍ଟା କରୁଛନ୍ତି ।

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦ୍ୱାରକାଠାରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିଥିବାବେଳେ

ବି.ଜେ.ପି. ନେତା ନୀତିନ୍ ଗଡ଼କରୀ, କେଶବ ପ୍ରସାଦ ମୌର୍ଯ୍ୟ, ପୁଷ୍କର ସିଂ ଧାମି ପ୍ରମୁଖ ଦିଲ୍ଲୀ ନିର୍ବାଚନ ପ୍ରଚାରରେ ଯୋଗ ଦେଇଛନ୍ତି । ଆପ୍‌ର ଦଳର ଆବାହକ ଅରବିନ୍ଦ କେଜରିୱାଲ୍, ଦଳର ବରିଷ୍ଠ ନେତା ସଞ୍ଜୟ ସିଂହ, ଭଗୱତ୍ ମାନ୍ ପ୍ରମୁଖ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଜନସଭା କରିଛନ୍ତି । ସେହିଭଳି କଂଗ୍ରେସର ବରିଷ୍ଠ ନେତା ରାହୁଲ୍ ଗାନ୍ଧି ମଦିପୁର ଅଞ୍ଚଳରେ ଜନସଭାକୁ ସମ୍ବୋଧନ କରିଥିବାବେଳେ ପ୍ରିୟଙ୍କା ଗାନ୍ଧି ନାଙ୍ଗଲୋଇ ଓ ମୁସ୍ତାଫାବାଦରେ ରୋଡ୍‌ଶୋ'ରେ ଯୋଗ ଦେଇଛନ୍ତି ।

## ଇକୋନୋମିକ୍ ସର୍ଭେ

୨୦୨୫ ଆର୍ଥିକ ବର୍ଷରେ ଦେଶର ମୋଟ୍ ଜି.ଡି.ପି. ୬ ଦଶମିକ ୪ ପ୍ରତିଶତକୁ ବୃଦ୍ଧି ପାଇବ ଏବଂ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ଜି.ଡି.ପି. ୬ ଦଶମିକ ୩ରୁ ୬ ଦଶମିକ ୮ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି । ଆଜି ସଂସଦର ମିଳିତ ଅଧିବେଶନରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କଦ୍ୱାରା ଉପସ୍ଥାପିତ ଆର୍ଥିକ ସର୍ଭେରେ ଏହା ଉଲ୍ଲେଖ କରାଯାଇଛି । ଆର୍ଥିକ ସର୍ଭେରେ ଭାରତୀୟ ଅର୍ଥନୀତିର ମୌଳିକ ନୀତି ଅତ୍ୟନ୍ତ ଦୃଢ଼ ଥିବା କୁହାଯାଉଛି । ରିପୋର୍ଟରେ କୁହାଯାଇଛି, କୃଷି ଏବଂ ସେବା କ୍ଷେତ୍ରଗୁଡ଼ିକର ସହାୟତା ଫଳରେ ବିକାଶ ହାର କ୍ରମଶଃ ବୃଦ୍ଧି ପାଉଛି । ଖରିଫ୍ ଫସଲ ଉତ୍ପାଦନରେ ଅଭିବୃଦ୍ଧି ସହିତ ଚାଷ ଅନୁକୂଳ

ପରିସ୍ଥିତି ଯୋଗୁଁ ଗ୍ରାମାଞ୍ଚଳର ଆୟ ବୃଦ୍ଧି ପାଇଛି । ବିଶ୍ୱ ଚାହିଦାରେ ହ୍ରାସ ଏବଂ ପ୍ରତିକୂଳ ପାଣିପାଗ କାରଣରୁ ଉତ୍ପାଦନ କ୍ଷେତ୍ରରେ ସମସ୍ୟା ଦେଖାଦେଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି । ତୃଣମୂଳ ସ୍ତରରେ ଢାଞ୍ଚାଗତ ସଂସ୍କାର ଓ ଅନେକ ଆଇନରେ ପରିବର୍ତ୍ତନ କରାଯାଇ ଭାରତର ଉତ୍ପାଦକୁ ବିଶ୍ୱସ୍ତରୀୟ କରାଯାଇପାରିଛି । ଖାଦ୍ୟ ମୁଦ୍ରାସ୍ଫୀତି ଚଳିତ ଆର୍ଥିକ ବର୍ଷର ଶେଷ ତିନିମାସରେ ହ୍ରାସ ପାଇବ ବୋଲି ରିପୋର୍ଟରେ ଆକଳନ କରାଯାଇଛି । ୨୦୧୭-୧୮ରେ ଥିବା ବେକାରୀ ସମସ୍ୟା ହାର ୬ ପ୍ରତିଶତରୁ ୨୦୨୩-୨୪ରେ ହ୍ରାସ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି ।

## ଇକୋନୋମିକ୍ସ ସର୍ଭେ - ରେଲ୍‌ଓ୍ୱେ ଆଇ.ଟି.

ଚଳିତ ଆର୍ଥିକ ବର୍ଷରେ ରେଳବାଇ ଷ୍ଟକ୍‌ରେ ଉଲ୍ଲେଖଯୋଗ୍ୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବା ଆର୍ଥିକ ସର୍ଭେରେ ସୂଚନା ଦିଆଯାଇଛି । ୨୦୨୪ ମସିହା ଏପ୍ରିଲ୍‌ରୁ ଅକ୍ଟୋବର ମାସ ମଧ୍ୟରେ ଦେଶରେ ୧୭ ଯୋଡ଼ା ନୂଆ ବନ୍ଦେ ଭାରତ ଟ୍ରେନ୍‌ର ଶୁଭାରମ୍ଭ କରାଯିବା ସହିତ ଦେଶରେ ୨୨୮ଟି ରେଳ ବଗି ନିର୍ମାଣ କରାଯାଇଛି । ଭାରତୀୟ ରେଳବାଇର ସୂଚନା ଅନୁଯାୟୀ, ଗତ ବର୍ଷ ଅକ୍ଟୋବର ସୁଦ୍ଧା ୯୧ଟି ଗତିଶକ୍ତି ବହୁମୁଖୀ ପଣ୍ୟ ଟର୍ମିନାଲ୍ ଦେଶର ୨୩୪ଟି ସ୍ଥାନରେ ଆରମ୍ଭ କରାଯାଇଥିଲା । ମୁମ୍ବାଇ ଓ ଅହମ୍ମଦାବାଦ ମଧ୍ୟରେ ଜାରି ରହିଥିବା ଦ୍ରୁତଗାମୀ ରେଳପ୍ରକଳ୍ପ ପ୍ରସଙ୍ଗରେ

ଭାରତୀୟ ରେଳବାଇ କହିଛି, ୨୦୨୪ ମସିହା ସୁଦ୍ଧା ୬୭ ହଜାର ୪୮୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରକଳ୍ପର ୪୭ ପ୍ରତିଶତ ଶେଷ ହୋଇଛି । ଦେଶରେ ହେବାକୁ ଥିବା ମୋଟ୍ ୨ ହଜାର ୮୪୩ କିଲୋମିଟର ସ୍ୱତନ୍ତ୍ର ମାଲବାହୀ କରିଡର ନେଟ୍‌ୱର୍କ ମଧ୍ୟରୁ ୨ ହଜାର ୭୪୧ କିଲୋମିଟର କରିଡରକୁ ଗତ ନଭେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ କରାଯାଇପାରିଥିବା ରେଳବାଇ କହିଛି । ପୁନଃ ବିକଶିତ କରାଯିବାକୁ ଚିହ୍ନଟ ହୋଇଥିବା ଦେଶର ୧ ହଜାର ୩୩୭ଟି ରେଳ ଷ୍ଟେସନ୍ ମଧ୍ୟରେ ୧ ହଜାର ୧୯୭ଟି ଷ୍ଟେସନ୍‌ର ନବୀକରଣ କାର୍ଯ୍ୟ ଜାରି ରହିଛି ।

ଦେଶର ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ବ୍ୟାପକ ବିକାଶ ପରିଲକ୍ଷିତ ହୋଇଛି । ସର୍ଭେ ରିପୋର୍ଟ ଅନୁଯାୟୀ ୨୦୨୩ ମସିହାରେ ଦେଶରେ ମୋଟ୍ ୪ ଦଶମିକ ୫ ବିଲିୟନ୍ ଆମେରିକୀୟ ଡଲାରର  ଡାଟାସେଣ୍ଟର ବଜାର ୨୦୩୨ ମସିହା ସୁଦ୍ଧା ୧୧ ଦଶମିକ ୬ ବିଲିୟନ୍ ଆମେରିକୀୟ ଡଲାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି ।  ଗତ ଆର୍ଥିକ ବର୍ଷରେ ସୂଚନା ଓ ପ୍ରଯୁକ୍ତି କ୍ଷେତ୍ର ୨୫୪ ବିଲିୟନ୍ ଆମେରିକୀୟ ଡଲାରର ରାଜସ୍ୱ ସଂଗ୍ରହ କରିଥିବା ସର୍ଭେ ରିପୋର୍ଟରେ କୁହାଯାଇଛି ।

## ସି.ଇ.ଓ. - ଇକୋନୋମିକ୍ ସର୍ଭେ

ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ଭି. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି, କୃଷିକ୍ଷେତ୍ର ହେଉଛି ଦେଶର ଭବିଷ୍ୟତ । ଜି.ଡି.ପି. ଅଭିବୃଦ୍ଧି

ହାରରେ ଶୂନ ଦଶମିକ ୭/୫ ପ୍ରତିଶତ କୃଷିକ୍ଷେତ୍ରର ଅବଦାନକୁ ଆଗାମୀ ଦିନରେ ୧ ପ୍ରତିଶତକୁ ବୃଦ୍ଧି ହେବା ନେଇ ଯଥେଷ୍ଟ ସମ୍ଭାବନା ଥିବା ସେ କହିଛନ୍ତି । ଆଜି ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ନାଗେଶ୍ୱରନ୍ କହିଛନ୍ତି, କ୍ଷୁଦ୍ର ଜଳସେଚନ କ୍ଷେତ୍ରରେ ୩ ଗୁଣ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ସେହିଭଳି ଟେଲିକମ୍ ଓ ଶକ୍ତି କ୍ଷେତ୍ରର ସାମର୍ଥ୍ୟ ବିକାଶ କରାଯାଇଛି । ବିଶ୍ୱସ୍ତରରେ ଭାରତୀୟ ଶକ୍ତିକ୍ଷେତ୍ରରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଜଳବାୟୁ ଲକ୍ଷ୍ୟ ହାସଲ କରିବା ପ୍ରସଙ୍ଗରେ ବିକଶିତ ରାଷ୍ଟ୍ରଗୁଡ଼ିକ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ପ୍ରତି ସହଯୋଗ ମନୋଭାବ ପୋଷଣ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି । ୨୦୪୭ ମସିହା ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାପାଇଁ ଦାୟିତ୍ୱସମ୍ପନ୍ନ ଘରୋଇ ଉଦ୍ୟୋଗର ଆବଶ୍ୟକତା ଥିବା ଶ୍ରୀ ନାଗେଶ୍ୱରନ୍ କହିଛନ୍ତି ।

## ପଞ୍ଜାବ – ଆକ୍ସିଡେଣ୍ଟ

ପଞ୍ଜାବର ଫିରୋଜପୁରଠାରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୯ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣାସ୍ଥଳରେ ୫ ଜଣଙ୍କର ଏବଂ ଅନ୍ୟ ୭ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ପୁଲିସ୍‌ର ସୂଚନା ଅନୁଯାୟୀ ୨୦ ଜଣ ଯାତ୍ରୀଙ୍କୁ

ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । ଆହତମାନଙ୍କର ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି ।

## କ୍ରିକେଟ୍

ଭାରତ ଆଇ.ସି.ସି. ମହିଳା ୧୯ ବର୍ଷରୁ କମ୍ ଟି.-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଫାଇନାଲ୍‌ରେ ପହଞ୍ଚିଛି । ଆଜି କ୍ୱାଲାଲାମ୍ପୁରର ବାୟମସ୍ ଓଭାଲ୍ ଷ୍ଟାଡିୟମରେ ଅନୁଷ୍ଠିତ ସେମିଫାଇନାଲ୍‌ରେ ଭାରତ ଇଂଲଣ୍ଡକୁ ୯ ୱିକେଟ୍‌ରେ ପରାସ୍ତ କରିଛି । ଆସନ୍ତା ରବିବାର ଦିନ ଫାଇନାଲ୍ ମ୍ୟାଚ୍ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ । ଭାରତ ସମ୍ମୁଖରେ ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୧୧୪ ରନ୍‌ର ବିଜୟ ଲକ୍ଷ୍ୟକୁ ଦଳ ୧୫ ଓଭର୍‌ରେ ହାସଲ କରିଥିଲା । ଭାରତୀୟ ଦଳର ପ୍ରାରମ୍ଭିକ ଯୋଡ଼ି ଜି. ତ୍ରିଶା ୨୯ଟି ବଲ୍‌ରୁ ୩୫ ରନ୍ ଓ ଜି. କମଳିନୀ ୫୦ଟି ବଲ୍‌ରୁ ୫୬ ରନ୍ ସଂଗ୍ରହ କରିଥିଲେ । ଭାରତୀୟ ଦଳର ସ୍ପିନର୍ ପାରୁଣିକା ସିସୋଦିଆ ବୈଷ୍ଣବି ଶର୍ମା ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ଇଂଲଣ୍ଡ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୧୩ ରନ୍ ସଂଗ୍ରହ କରିପାରିଥିଲା ।

ଆଜି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଦଳ ଅଷ୍ଟ୍ରେଲିଆକୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ଆଜି ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ଶ୍ରାଚି ରାହ ବେଙ୍ଗଲ ଟାଇଗର୍ସ ଓ ତାମିଲ୍‌ନାଡୁ ଡ୍ରାଗନ୍ସ ମଧ୍ୟରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଚାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ ଦେଇ ସମାନ ସ୍ତରରେ ଅଛନ୍ତି ।

ରାତି ୮ଟା ୧୫ ମିନିଟ୍‌ରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ସୁର୍ମା ହକି କ୍ଲବ୍ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମୁକାବିଲା ହେବ ।

*****